"ମିଠେ ବଚ୍ଚେ: - ବାବା ସ୍  ରଗର ମୁଳଦୂଆ ପକାଉଛନ୍ତି, ତୁମେ ପିଲାମାନେ ସହଯୋଗୀ ହୋଇ ନିଜର ଭାଗ୍ୟ ଜମା କରିନିଅ, ଈଶ୍  ରୀୟ ମତରେ ଚାଲି ନିଜର ଶ୍ରେଷ୍ଠ ପ୍ରାଲବ୍ଧ ତିଆରି କର ।"

ପ୍ରଶ୍ନ:- ବାପଦାଦା କେଉଁ ପିଲାମାନଙ୍କୁ ସର୍ବଦା ଖୋଜୁଥା'ନ୍ତି?

ଉତ୍ତର:- ଯିଏ ବହୁତ-ବହୁତ ମିଠା ଶୀତଳ ସ୍  ଭାବଯୁକ୍ତ ଯୋଗ୍ୟ ସେବାଧାରୀ ସନ୍ତାନ । ଏହିପରି ପିଲାମାନଙ୍କୁ ବାବା ଖୋଜୁଥାନ୍ତି । ଯୋଗ୍ୟ ସେବାଧାରୀ ପିଲାମାନେ ହିଁ ବାବାଙ୍କର ନାମକୁ ବିଖ୍ୟାତ କରିବେ । ଯିଏ ଯେତିକି ବାବାଙ୍କର ସହଯୋଗୀ ହୋଇଥା'ନ୍ତି, ଆଜ୍ଞାକାରୀ, ବିଶ୍  ସ୍ତ ହୋଇଥା'ନ୍ତି, ସିଏ ସେତେ ବାବାଙ୍କର ବର୍ସାର ହକଦାର ହୋଇଥା'ନ୍ତି ।

ଗୀତ:- ଓମ୍ ନମୋ ଶିବାୟ....

ଓମ୍ ଶାନ୍ତି । ଓମ୍‌ର ଅର୍ଥ କିଏ କହିଲେ? ବାବା । ଯଦି ବାବା ବୋଲି କୁହାଯାଉଛି ତେବେ ତାଙ୍କର ନାମ ମଧ୍ୟ ନିଶ୍ଚିତ ଥିବ । ସାକାର ହୁଅନ୍ତୁ ଅଥବା ନିରାକାର, ନାମ ତ ନିଶ୍ଚିତ ଦରକାର । ଅନ୍ୟ ଯେଉଁ ସବୁ ଆତ୍ମାମାନେ ଅଛନ୍ତି ତାଙ୍କର କେବେ ନାମ ରଖାଯାଏ ନାହିଁ । ଆତ୍ମା ଯେତେବେଳେ ଜୀବଆତ୍ମା ହୋଇଥାଏ ସେତେବେଳେ ଯାଇ ଶରୀରର ନାମ ରଖାଯାଏ । ବ୍ରହ୍ମା ଦେବତାୟ ନମଃ କହୁଛନ୍ତି, ବିଷ୍ଣୁଙ୍କୁ ମଧ୍ୟ ଦେବତା ବୋଲି କହୁଛନ୍ତି କାହିଁକି ନା ସେମାନେ ଆକାରୀ ତେଣୁ ଆକାରୀ ଶରୀରର ନାମ ରହିଥାଏ । ଶରୀରର ହିଁ ସର୍ବଦା ନାମ ରଖାଯାଇଥାଏ । କେବଳ ଏକମାତ୍ର ନିରାକାର ପରମପିତା ପରମାତ୍ମା, ଯାହାଙ୍କର ନାମ ଶିବ ଏବଂ କେବଳ ତାଙ୍କ ଆତ୍ମାର ହିଁ ଗୋଟିଏ ନାମ ରହିଛି, ବାକି ସମସ୍ତଙ୍କର ଦେହର ନାମ ରଖାଯାଇଥାଏ । ଯଦି ଶରୀର ଛାଡିଦେବ ତେବେ ନାମ ମଧ୍ୟ ବଦଳିଯିବ । ଏକମାତ୍ର ପରମାତ୍ମାଙ୍କର ଗୋଟିଏ ନାମ ସର୍ବଦା ଚାଲିଥାଏ, କେବେ ବି ବଦଳେ ନାହିଁ । ଏଥିରୁ ସିଦ୍ଧ ହେଉଛି ଯେ, ସିଏ କେବେ ଜନ୍ମ-ମରଣରେ ଆସନ୍ତି ନାହିଁ । ଯଦି ନିଜେ ହିଁ ଜନ୍ମ-ମରଣରେ ଆସିବେ ତେବେ ଅନ୍ୟମାନଙ୍କୁ ଜନ୍ମ-ମରଣରୁ କିପରି ଉଦ୍ଧାର କରିବେ । ଅମର ଲୋକରେ କେବେ ଜନ୍ମ-ମରଣ ଶବ୍ଦ କୁହାଯାଏ ନାହିଁ । ସେଠାରେ ତ ବହୁତ ସହଜରେ ଗୋଟିଏ ଶରୀର ଛାଡି ଆଉ ଗୋଟିଏ ଶରୀର ନେଇଥା'ନ୍ତି । ଏହିଠାରେ ହିଁ ମରିବା କୁହାଯାଏ । ସତ୍ୟଯୁଗରେ ଏପରି କହିନଥା'ନ୍ତି ଯେ, ଅମୁକ ମରିଗଲା । ମରିବା ଶବ୍ଦ ଦୁଃଖଦାୟକ ଅଟେ । ସେଠାରେ ତ ପୁରୁଣା ଶରୀର ଛାଡି ଅନ୍ୟ ଏକ କିଶୋର ଅବସ୍ଥାର ଶରୀର ନେଇଥା'ନ୍ତି । ତେଣୁ ଉତ୍ସବ ପାଳନ କରନ୍ତି । ପୁରୁଣା ଦୁନିଆରେ କେତେ ଲୋକ ଅଛନ୍ତି, ଏମାନେ ସମସ୍ତେ ବିନାଶ ହୋଇଯିବେ । ଶାସ୍ତ୍ରରେ ଦେଖାନ୍ତି ଯେ, ଯାଦବ ଏବଂ କୌରବ ଥିଲେ, ଲଢେଇରେ ସେମାନେ ମରିଗଲେ ତେବେ କ'ଣ ପାଣ୍ଡବମାନଙ୍କୁ ଦୁଃଖ ଲାଗିଥିବ? ନା । ପାଣ୍ଡବମାନଙ୍କର ତ ରାଜ୍ୟ ସ୍ଥାପନ ହେଲା । ବର୍ତ୍ତମାନ ସମୟରେ ତୁମେମାନେ ବ୍ରହ୍ମାବଂଶୀ ବ୍ରାହ୍ମଣ ହେଉଛ, ବ୍ରହ୍ମାକୁମାର ଏବଂ କୁମାରୀ । ଯେହେତୁ ବ୍ରହ୍ମାଙ୍କର ଏତେ ସନ୍ତାନ ଅଛନ୍ତି ତେଣୁ ସିଏ ପ୍ରଜାପିତା ହେଲେ ନା । ବ୍ରହ୍ମା, ବିଷ୍ଣୁ, ଶଙ୍କରଙ୍କର ପିତା ହେଲେ ଶିବ । ତାଙ୍କୁ ହିଁ ଭଗବାନ ବୋଲି କୁହାଯାଉଛି । ଏବେ ତୁମେମାନେ ଜାଣୁଛ ଯେ, ଆମେ ଈଶ୍  ରୀୟ କୁଳର ଅଟୁ । ଆମେ ବାବାଙ୍କ ସାଥିରେ, ବାବାଙ୍କର ଘର ନିର୍ବାଣଧାମକୁ ଯିବୁ । ବାବା ଆସିଛନ୍ତି, ତାଙ୍କୁ ସାଜନ ବୋଲି ମଧ୍ୟ କୁହାଯାଉଛି । କିନ୍ତୁ ବାସ୍ତବରେ ସିଏ ଆମର ପିତା କାହିଁକି ନା ସଜନୀଙ୍କୁ କେବେ ବର୍ସା ମିଳିନଥାଏ । ତୁମେମାନେ ବର୍ସା ନେଉଛ ତେଣୁ ତାଙ୍କୁ ବାପା ବୋଲି କହିବା ଠିକ୍ । ବାବାଙ୍କୁ ଭୁଲିଯିବା କାରଣରୁ ହିଁ ସମସ୍ତେ ନାସ୍ତିକ ହୋଇଯାଇଛନ୍ତି । କୃଷ୍ଣଙ୍କ ଚରିତ୍ରର ଗାୟନ କରାଯାଇଥାଏ । କିନ୍ତୁ କୃଷ୍ଣଙ୍କର ଚରିତ୍ର ତ କିଛି ନାହିଁ । ଭାଗବତରେ କୃଷ୍ଣଙ୍କର ଚରିତ୍ର ଅଛି କିନ୍ତୁ ବାସ୍ତବରେ ଚରିତ୍ର ରହିବା ଦରକାର ଶିବବାବାଙ୍କର । ସିଏ ପିତା, ଶିକ୍ଷକ, ସଦଗୁରୁ ମଧ୍ୟ ଅଟନ୍ତି । ଏଥିରେ ଚରିତ୍ରର କୌଣସି କଥା ନାହିଁ । କୃଷ୍ଣଙ୍କର ମଧ୍ୟ ଚରିତ୍ର ନାହିଁ । ସିଏ ତ ଛୋଟ ପିଲା । ଯେପରି ଛୋଟ ପିଲାମାନେ ସର୍ବଦା ଚଞ୍ଚଳ ହୋଇଥାନ୍ତି ତେଣୁ ସମସ୍ତଙ୍କ ସ୍ନେହୀ ହୋଇଥାଆନ୍ତି । କୃଷ୍ଣଙ୍କ ପାଇଁ ଦେଖାଉଛନ୍ତି ଯେ, ସିଏ ମାଠିଆ ଭାଙ୍ଗିଥିଲେ, ବାସ୍ତବରେ ଏପରି କିଛି ବି ନାହିଁ । ଶିବବାବାଙ୍କର ଚରିତ୍ର କ'ଣ? ତାହା ତ ତୁମେମାନେ ଦେଖୁଛ, ପାଠପଢାଇ ପତିତରୁ ପାବନ କରୁଛନ୍ତି । କହୁଛନ୍ତି ଯେ, ଭକ୍ତିମାର୍ଗରେ ମଧ୍ୟ ମୁଁ ତୁମମାନଙ୍କର ଭାବନାକୁ ପୂର୍ଣ୍ଣ କରିଥାଏ । ବାକି ଏଠାରେ ତ ମୁଁ ପାଠ ପଢାଉଛି । ବର୍ତ୍ତମାନ ସମୟରେ ଯେଉଁମାନେ ମୋର ସନ୍ତାନ ହୋଇଛନ୍ତି, ସେହିମାନେ ମୋତେ ମନେ ପକାଉଛନ୍ତି । ଅନ୍ୟ ସମସ୍ତଙ୍କୁ ଭୁଲି ଏକମାତ୍ର ବାବାଙ୍କୁ ମନେ ପକାଇବାର ପ୍ରଯତ୍ନ କରୁଛନ୍ତି । ଏପରି ନୁହେଁ ଯେ, ମୁଁ ସର୍ବବ୍ୟାପୀ ଅଟେ । ମୋତେ ଯେଉଁମାନେ ମନେ ପକାଉଛନ୍ତି, ମୁଁ ମଧ୍ୟ ତାଙ୍କୁ ମନେ ପକାଉଛି । ବାବା ମଧ୍ୟ ପିଲାମାନଙ୍କୁ ହିଁ ମନେ ପକାଇବେ ନା । ମୁଖ୍ୟ କଥା ତ ଗୋଟିଏ । ଜଣକୁ ବାହାଦୁର ବୋଲି ସେତେବେଳେ କୁହାଯିବ ଯେତେବେଳେ କୌଣସି ବଡ ଲୋକକୁ ବୁଝାଇ ଦେଖାଇବ । ତେବେ ସବୁର ଆଧାର ହେଲା - ଗୀତା । ଗୀତା ନିରାକାର ପରମପିତା ପରମାତ୍ମା ଗାୟନ କରିଥିଲେ, କେହି ମନୁଷ୍ୟ ଗାୟନ କରିନଥିଲେ । ଭଗବାନଙ୍କୁ ରୁଦ୍ର ବୋଲି ମଧ୍ୟ କୁହାଯାଇଥାଏ । କୃଷ୍ଣଙ୍କୁ ରୁଦ୍ର ବୋଲି କୁହାଯିବ ନାହିଁ । ରୁଦ୍ର ଜ୍ଞାନ ଯଜ୍ଞରୁ ହିଁ ବିନାଶ ଜ୍  ାଳା ବାହାରିଛି ।

କେତେକ ଲୋକ ପରମାତ୍ମାଙ୍କୁ ମାଲିକ ବୋଲି କହି ମନେ ପକାଇଥା'ନ୍ତି । କହନ୍ତି ଯେ, ସେହି ମାଲିକଙ୍କର ନାମ ନାହିଁ । ଆଚ୍ଛା ସେହି ମାଲିକ କେଉଁଠି ଅଛନ୍ତି? କ'ଣ ସିଏ ବିଶ୍ୱର, ସାରା ସୃଷ୍ଟିର ମାଲିକ ଅଟନ୍ତି? ପରମପିତା ପରମାତ୍ମା ତ ସୃଷ୍ଟିର ମାଲିକ ହେଉ ନାହାଁନ୍ତି, ସୃଷ୍ଟିର ମାଲିକ ତ ଦେବୀ-ଦେବତାମାନେ ହେଉଛନ୍ତି । ପରମପିତା ପରମାତ୍ମା ତ ବ୍ରହ୍ମାଣ୍ଡର ମାଲିକ ଅଟନ୍ତି । ବ୍ରହ୍ମତତ୍ତ୍ୱ ବାବାଙ୍କର ଏବଂ ପିଲାମାନଙ୍କର ମଧ୍ୟ ଘର ଅଟେ । ବ୍ରହ୍ମାଣ୍ଡ ହେଉଛି ବାବାଙ୍କର ଘର, ଯେଉଁଠାରେ ଆତ୍ମାମାନେ ଅଣ୍ଡା ସଦୃଶ ରହିଥା'ନ୍ତି । କିନ୍ତୁ ବାସ୍ତବରେ ଏପରି କେହି ନାହାଁନ୍ତି । ମୁଁ ଆତ୍ମା ଜ୍ୟୋତିର୍ବିନ୍ଦୁ ସେଠାରେ ନିବାସ କରୁଛି । ପୁଣି ଆମେମାନେ ବ୍ରହ୍ମାଣ୍ଡରୁ ଅଭିନୟ କରିବା ପାଇଁ ତଳକୁ ଓହ୍ଲାଉଛୁ, ଆମେ ଜଣେ ଅନ୍ୟ ଜଣଙ୍କର ପଛରେ ଆସୁଛୁ । ଏହି ବୃକ୍ଷର ବୃଦ୍ଧି ହୋଇ ଚାଲିଛି । ଯାହାର ବୀଜରୂପ ହେଲେ ବାବା । ତେବେ ଏହାର ମୂଳଦୁଆ ଦେବୀ-ଦେବତାମାନଙ୍କର ବୋଲି କୁହାଯିବ ଅଥବା ବ୍ରାହ୍ମଣମାନଙ୍କର ବୋଲି କୁହାଯିବ କାରଣ ବ୍ରାହ୍ମଣ ହିଁ ବୀଜ ପକାଉଛନ୍ତି । ବ୍ରାହ୍ମଣ ହିଁ ପୁଣି ଦେବତା ହୋଇ ରାଜ୍ୟ କରୁଛନ୍ତି । ତେବେ ଆମ ଦ୍ୱାରା ଶିବବାବା ଦୈବୀ ଦୁନିଆ ଅର୍ଥାତ୍ ଦୈବୀ ସୃଷ୍ଟିର ମୂଳଦୂଆ ଲଗାଉଉଛନ୍ତି । ଯିଏ ଯେତିକି ସହଯୋଗୀ ହେବେ ସେତିକି ନିଜର ଭାଗ ନେବେ । ନଚେତ୍ ସୂର୍ଯ୍ୟବଂଶୀ କିପରି ହେବେ! ଏବେ ତୁମେମାନେ ସେହି ଉଚ୍ଚ ପ୍ରାଲବ୍ଧ ଜମା କରୁଛ । ପ୍ରତ୍ୟେକ ମନୁଷ୍ୟ ପୁରୁଷାର୍ଥ ଦ୍ୱାରା ନିଜର ପ୍ରାଲବ୍ଧ ଜମା କରିଥା'ନ୍ତି । ତେବେ ପ୍ରାଲବ୍ଧ ଜମା କରିବା ପାଇଁ ଭଲ କାମ କରିବାକୁ ପଡେ । ଦାନ-ପୁଣ୍ୟ କରିବା, ଧର୍ମଶାଳା ଆଦି ତିଆରି କରିବା । ଏସବୁ କିଛି ଇଶ୍ୱରଙ୍କ ପାଇଁ ହିଁ କରିଥାନ୍ତି କହିଁକି ନା ଏହାର ଫଳ ସିଏ ହିଁ ଦେଇଥାନ୍ତି । ତୁମେ ସବୁ ଶ୍ରୀମତ ଆଧାରରେ ପୁରୁଷାର୍ଥ କରୁଛ । ବାକି ସାରା ଦୁନିଆ ମନୁଷ୍ୟର ମତ ଅନୁସାରେ ପୁରୁଷାର୍ଥ କରୁଛି । ତାହା ପୁଣି ଆସୁରୀ ମତ । ଇଶ୍ୱରୀୟ ମତ ପରେ ରହିଛି ଦୈବୀ ମତ, ପୁଣି ଆସୁରୀ ମତ ହୋଇଯାଉଛି । ଏବେ ତୁମମାନଙ୍କୁ ଇଶ୍ୱରୀୟ ମତ ମିଳୁଛି । ବାବା ମମ୍ମା ମଧ୍ୟ ତାଙ୍କର ମତ ଦ୍ୱାରା ଏହିପରି ଶ୍ରେଷ୍ଠ ହେଉଛନ୍ତି । କୌଣସି ମନୁଷ୍ୟ ଦେବତାମାନଙ୍କ ସଦୃଶ ଶ୍ରେଷ୍ଠ ହୋଇପାରିବ ନାହିଁ । ଦେବତାମାନଙ୍କୁ ଶ୍ରେଷ୍ଠ କିଏ କରୁଛନ୍ତି? ଏଠାରେ ତ କେହି ଶ୍ରେଷ୍ଠ ନାହାଁନ୍ତି । ଶ୍ରୀ ଶ୍ରୀ କେବଳ ଜଣେ ହିଁ ଅଟନ୍ତି ସିଏ ହିଁ ସବୁଠାରୁ ଉଚ୍ଚ ପିତା, ଶିକ୍ଷକ ଏବଂ ସଦଗୁରୁ ଅଟନ୍ତି । ସିଏ ଶ୍ରୀ ଲକ୍ଷ୍ମୀ-ନାରାୟଣ କରୁଛନ୍ତି । ଯଦିଓ ରାମଙ୍କୁ ମଧ୍ୟ କହୁଛନ୍ତି ଶ୍ରୀ ସୀତା, ଶ୍ରୀ ରାମ, କିନ୍ତୁ ସିଏ ହେଲେ କ୍ଷତ୍ରିୟ, ଚନ୍ଦ୍ରବଂଶୀ । ଲକ୍ଷ୍ମୀ-ନାରାୟଣ ତ ୧୬ କଳା ସଂପୂର୍ଣ୍ଣ ସୂର୍ଯ୍ୟବଂଶୀ ଦେବତା କୁଳର ଅଟନ୍ତି ଏବଂ ରାମ-ସୀତା ୧୪ କଳା ଚନ୍ଦ୍ରବଂଶୀ । କାରଣ ତାହା ତ ନିଶ୍ଚିତ ହେବ । ମନୁଷ୍ୟମାନେ ଏକଥା ଜାଣିନାହାଁନ୍ତି ଯେ, ସୃଷ୍ଟିର ପତନ କଳା ହୋଇଥାଏ । ୧୬ କଳାରୁ ୧୪ କଳା ହେଉଛି ତେଣୁ ଅବନତି ହେଉଛି ନା । ବର୍ତ୍ତମାନ ସମୟରେ ତ ସମସ୍ତେ ବିଲ୍‌କୁଲ୍ କଳାହୀନ ହୋଇଯାଇଛନ୍ତି । ଏହା ରାବଣ ସମ୍ପ୍ରଦାୟ, ରାବଣ ରାଜ୍ୟ ଅଟେ ନା । ରାବଣ ମତକୁ ଆସୁରୀ ମତ ବୋଲି କୁହାଯାଏ । ଏଠାରେ ସମସ୍ତେ ପତିତ । ଏହି ପତିତ ଦୁନିଆରେ କେହି ପବିତ୍ର ହୋଇପାରିବେ ନାହିଁ । ଭାରତବାସୀ ଯେଉଁମାନେ ପବିତ୍ର ଥିଲେ ସେହିମାନେ ହିଁ ପୁଣି ପତିତ ହୋଇଯାଉଛନ୍ତି ପୁଣି ସେହିମାନଙ୍କୁ ହିଁ ମୁଁ ଆସି ପବିତ୍ର କରୁଛି । କୃଷ୍ଣଙ୍କର ପତିତ-ପାବନ ବୋଲି ଗାୟନ ନାହିଁ । ନା ଏଠାରେ ଚରିତ୍ରର କଥା ଅଛି । ପତିତ-ପାବନ ଏକମାତ୍ର ପରମାତ୍ମାଙ୍କୁ ହିଁ କୁହାଯାଏ । ପଛରେ ସମସ୍ତେ କହିବେ ଯେ, ହେ ପ୍ରଭୁ ଆପଣଙ୍କର ଗତି-ମତି ସବୁ ଅଲଗା । ଆପଣଙ୍କର ରଚନାକୁ କେହି ଜାଣିନାହାଁନ୍ତି । ତାହା ତ ଏବେ ତୁମେମାନେ ଜାଣିଗଲଣି । ଏହା ବିଲକୁଲ୍ ନୂଆ ଜ୍ଞାନ । ଯେତେବେଳେ ନୂଆ ଜିନିଷ ବାହାରିଥାଏ ତାହା ପ୍ରଥମେ କମ୍ ଥାଏ ପୁଣି ବଢିଚାଲେ । ତୁମେମାନେ ମଧ୍ୟ ପ୍ରଥମେ ଗୋଟିଏ କୋଣରେ ଥିଲ ଏବେ ଦେଶ-ଦେଶାନ୍ତରରେ ବୃଦ୍ଧି ହୋଇ ଚାଲିଛି । ରାଜଧାନୀ ନିଶ୍ଚିତ ସ୍ଥାପନ ହେବ । ମୂଳକଥାକୁ ସିଦ୍ଧି କରିବାକୁ ହେବ ଯେ, ଗୀତାର ଭଗବାନ ଶ୍ରୀକୃଷ୍ଣ ନୁହେଁ । ବର୍ସା ବାବା ଦେବେ, କୃଷ୍ଣ ନୁହେଁ । ଲକ୍ଷ୍ମୀ-ନାରାୟଣ ମଧ୍ୟ ନିଜର ପିଲାମାନଙ୍କୁ ବର୍ସା ଦେବେ । ତାହା ମଧ୍ୟ ବର୍ତ୍ତମାନର ପୁରୁଷାର୍ଥ ଅନୁସାରେ ପ୍ରାଲବ୍ଧ ମିଳିଥାଏ । ସତ୍ୟଯୁଗ ଏବଂ ତ୍ରେତା ଯୁଗରେ ଅବିନାଶୀ ସମ୍ପତ୍ତି ରହିବ । ସ୍ୱର୍ଣ୍ଣିମ, ରୌପ୍ୟ ଜୟନ୍ତୀ ପାଳନ କରିଥା'ନ୍ତି ନା! ଏଠାରେ ତ ଗୋଟିଏ ଦିନ ପାଳନ କରୁଛନ୍ତି । ଆମେ ତ ୧୨୫୦ ବର୍ଷ ଧରି ସ୍ୱର୍ଣ୍ଣିମ ଜୟନ୍ତୀ ପାଳନ କରୁଛୁ । ଖୁସିରେ ଉତ୍ସବ ପାଳନ କରୁଛନ୍ତି କାରଣ ଧନବାନ୍ ହୋଇଯାଉଛନ୍ତି । ତେବେ, ସେଠାରେ ବହୁତ ଆନ୍ତରିକ ଖୁସି ରହିଥାଏ । ଏପରି ନୁହେଁ ଯେ, କେବଳ ବାହାରୁ ବତୀ ଆଦି ଜଳାଇଥା'ନ୍ତି । ସ୍ୱର୍ଗରେ ଆମେ ବହୁତ ସମ୍ପତ୍ତିବାନ୍, ବହୁତ ସୁଖୀ ହୋଇଯାଉଛୁ । ଦେବତା ଧର୍ମ ସଦୃଶ ସୁଖୀ ଆଉ କେହି ନାହାଁନ୍ତି । ପୁଣି ରୌପ୍ୟ ଜୟନ୍ତୀ ଆଦିକୁ ମଧ୍ୟ ସଂପୂର୍ଣ୍ଣ ରୂପେ ବୁଝୁନାହାଁନ୍ତି । ଏବେ ତୁମେମାନେ ଅଧାକଳ୍ପର ଜୟନ୍ତୀ ପାଳନ କରିବା ପାଇଁ ବାବାଙ୍କଠାରୁ ବର୍ସା ପାଉଛ । ତେବେ ଏହି ମୁଖ୍ୟ କଥା ବୁଝାଇବାକୁ ହେବ ଯେ ଗୀତାର ଭଗବାନ ହେଲେ ଶିବ । ସିଏ ହିଁ ରାଜଯୋଗ ଶିଖାଇଥିଲେ, ଯାହା ପୁଣି ଏବେ ଶିଖାଉଛନ୍ତି ଏବଂ ତାହା ମଧ୍ୟ ସେତେବେଳେ ହିଁ ଶିଖାଉଥା'ନ୍ତି ଯେତେବେଳେ ରାଜତ୍ୱ ନାହିଁ । ଏବେ ପ୍ରଜାଙ୍କର ପ୍ରଜା ଉପରେ ରାଜ୍ୟ ଚାଲିଛି । ଜଣେ ଅନ୍ୟଜଣଙ୍କର ସମ୍ମାନ ହାନୀ କରିବାରେ ବିଳମ୍ବ କରୁନାହାଁନ୍ତି । ତୁମେମାନେ ତାଙ୍କର ମତରେ ଚାଲିବା ଦ୍ୱାରା ସୁଖଧାମର ମାଲିକ ହେବ । ଏପରି ବହୁତ ଅଛନ୍ତି ଯେଉଁମାନେ ଜ୍ଞାନକୁ ପୂରା ଧାରଣ କରୁନାହାଁନ୍ତି, କିନ୍ତୁ ସେଣ୍ଟରକୁ ଆସୁଛନ୍ତି । ନିଜ ମନରେ ଭାବନା ଆସେ ଯେ, ଗୋଟିଏ ପିଲା ଜନ୍ମ କରିବୁ । ମାୟାର ପ୍ରଲୋଭନ ଥାଏ, ବିବାହ କରି ଗୋଟିଏ ପିଲାର ସୁଖ ନେବୁ । ଆରେ କ'ଣ ଗ୍ୟାରେଣ୍ଟି ଅଛି ଯେ, ସନ୍ତାନ ସୁଖ ହିଁ ଦେବ । ଯଦି ଦୁଇ ଚାରି ବର୍ଷରେ ପିଲା ମରିଗଲା ତେବେ ଆହୁରି ଦୁଃଖୀ ହୋଇଯିବେ । ଆଜି ଉତ୍ସବ ପାଳନ କରୁଛନ୍ତି ଯଦି କାଲି ଶରୀର ଛାଡିଦେଲ । ତେବେ କାନ୍ଦକଟା କରିବାକୁ ପଡେ । କାରଣ ଏହା ହେଉଛି ହିଁ ଦୁଃଖଧାମ । ଦେଖ, ଖାଦ୍ୟ ମଧ୍ୟ କିପରି ଖାଉଛନ୍ତି! ତେଣୁ ବାବା ବୁଝାଉଛନ୍ତି ଯେ, ପିଲାମାନେ ଏପରି ଆଶା ରଖ ନାହିଁ । ମାୟା ତ ବହୁତ ତୁଫାନ ଆଣିବ । ତୁରନ୍ତ ବିକାରର ବଶବର୍ତ୍ତୀ କରାଇ ଦେବ । ପୁଣି ଏଠାକୁ ଆସିବାକୁ ମଧ୍ୟ ଲଜ୍ଜ୍ୟା ଲାଗିବ । ସମସ୍ତେ କହିବେ କୁଳକୁ କଳଙ୍କିତ କରିଛ, ବର୍ସା କ'ଣ ନେବ । ଯଦି ବାବା ମମ୍ମା କହୁଛ ତେବେ ବ୍ରହ୍ମାକୁମାର କୁମାରୀ ପରସ୍ପର ମଧ୍ୟରେ ଭାଇ-ଭଉଣୀର

ସମ୍ବନ୍ଧ ହୋଇଗଲା । ପୁଣି ଯଦି ବିକାରର ବଶବର୍ତ୍ତୀ ହୋଇଯିବେ ତେବେ ଏପରି କୁଳ କଳଙ୍କିତ ଆହୁରି ୧୦୦ ଗୁଣା କଠୋର ଦଣ୍ଡ ଭୋଗ କରିବେ ଏବଂ ପଦ ମଧ୍ୟ ଭ୍ରଷ୍ଟ ହୋଇଯିବ । କେହି-କେହି ତ ବିକାରଗ୍ରସ୍ଥ ହୋଇ ମଧ୍ୟ କହୁନାହାଁନ୍ତି ତେବେ ସିଏ ବହୁତ ଦଣ୍ଡର ଭାଗୀଦାର ହୋଇଯାଉଛନ୍ତି । ଧର୍ମରାଜ ବାବା ତ କାହାକୁ ଛାଡୁନାହାଁନ୍ତି । ଦୁନିଆରେ ତ ଲୋକମାନେ ଦଣ୍ଡ ପାଇ ଜେଲ୍ ଭୋଗୁଛନ୍ତି । କିନ୍ତୁ ଏଠାରେ ଯେଉଁମାନେ ରହୁଛନ୍ତି ତାଙ୍କ ପାଇଁ ତ ବହୁତ କଠୋର ଦଣ୍ଡ ରହିଛି । ଏପରି ବି ସେଣ୍ଟରକୁ ବହୁତ ଆସୁଛନ୍ତି । ବାବା ବୁଝାଉଛନ୍ତି ଯେ, ଏପରି କାମ କର ନାହିଁ । ତୁମେମାନେ କହୁଛ ଯେ, ଆମେ ଈଶ୍ ରୀୟ ସନ୍ତାନ ଅଟୁ ପୁଣି ବିକାରରେ ଯିବା, ଏହା ତ ନିଜର ହିଁ ସତ୍ୟାନାଶ କରିବା ସଦୃଶ ହେଲେ । କୌଣସି ବି ଭୁଲ୍ ହେଉଛି ତ ତୁରନ୍ତ ବାବାଙ୍କୁ କହିଦିଅ । ଯଦି ବିକାର ବିନା ରହିପାରୁ ନାହଁ ତେବେ ଏଠାକୁ ନ ଆସିବା ଭଲ । ନଚେତ୍ ବାୟୁମଣ୍ଡଳ ଖରାପ ହୋଇଯାଏ । ତୁମ ପାଖରେ ଯଦି କେହି ବଗ ଅଥବା ଅଶୁଦ୍ଧ ଖାଦ୍ୟ ଖାଉଥିବା ଆତ୍ମା ବସିବ ତେବେ କେତେ ଖରାପ ଲାଗିବ । ତେଣୁ ବାବା କହୁଛନ୍ତି, ଏମାନଙ୍କୁ ଆଣିବା ବହୁତ ବଡ ଦୋଷ ହୋଇଯିବ । ଦୁନିଆରେ ଏଭଳି ସତସଙ୍ଗ ତ ବହୁତ ଅଛି, ସେଠାକୁ ଯାଇ ଭକ୍ତି କର । ଭକ୍ତି ପାଇଁ ମୁଁ ମନା କରୁନାହିଁ । ଭଗବାନ ପବିତ୍ର କରି, ପବିତ୍ର ବୈକୁଣ୍ଠର ବର୍ସା ଦେବା ପାଇଁ ଆସୁଛନ୍ତି । ବାବା କହୁଛନ୍ତି - କେବଳ ବାବା ଏବଂ ବର୍ସାକୁ ମନେପକାଅ । ଖାଦ୍ୟପେୟର ସଂଜମ ଆଚରଣ କରିବା ପାଇଁ ବହୁତ ଉପାୟ ସବୁ ବତାଉଛନ୍ତି । ଆଚ୍ଛା ଯଦି ଆପଣ କହୁଛନ୍ତି ମୁଁ ଫଳ ଖାଇଦେଉଛି । ନିଜକୁ ବଞ୍ଚାଇବା ପାଇଁ ଏପରି କହିବା କୌଣସି ଭୁଲ୍ ନୁହେଁ । ବାବା ମନା କରୁନାହାଁନ୍ତି । ବାବା ଏଭଳି ପିଲାମାନଙ୍କର ସନ୍ଧାନରେ ଅଛନ୍ତି, ଯେଉଁମାନେ ବିଲ୍‌କୁଲ୍ ମିଠା ହୋଇଥିବେ, କୌଣସି ପୁରୁଣା ସ୍ ଭାବ ନଥିବ । ସେମାନେ ଯୋଗ୍ୟ ସେବାଧାରୀ, ବିଶ୍ ସ୍ତ, ଆଜ୍ଞାକାରୀ ହୋଇଥିବେ । ଆଚ୍ଛା—

ମିଠା ମିଠା ସିକିଲଧେ ସନ୍ତାନମାନଙ୍କ ପ୍ରତି ମାତା-ପିତା, ବାପଦାଦାଙ୍କର ମଧୁର ସ୍ନେହଭରା ସ୍ମୃତି ଏବଂ ସୁପ୍ରଭାତ । ଆତ୍ମିକ ପିତାଙ୍କର ଆତ୍ମିକ ସନ୍ତାନମାନଙ୍କୁ ନମସ୍ତେ ।

ଧାରଣା ପାଇଁ ମୁଖ୍ୟ ସାର **:—**

(୧) ଏହି ମାୟାବୀ ଦୁନିଆରେ ପ୍ରତ୍ୟେକ କଥାରେ ଦୁଃଖ ରହିଛି ସେଥିପାଇଁ ଏହି ପୁରୁଣା ଦୁନିଆରେ କୌଣସି ବି ଆଶା ରଖିବା ଉଚିତ୍ ନୁହେଁ । ଯଦିଓ ମାୟାର ତୁଫାନ ଆସିବ କିନ୍ତୁ କେବେ ବି କୁଳ କଳଙ୍କିତ ହେବାର ନାହିଁ ।

(୨) ଖାଇବା-ପିଇବାରେ ବହୁତ ବାରଣ ରଖିବାର ଅଛି, ଉତ୍ସବ ଆଦିକୁ ଗଲେ ବହୁତ ଯୁକ୍ତିର ସହିତ ଚାଲିବାର ଅଛି ।

ବରଦାନ**:-** ଖରାପ ପରିସ୍ଥିତି ଭିତରେ ଖରାପକୁ ନ ଦେଖି ଭଲର ଶିକ୍ଷା ଗ୍ରହଣ କରୁଥିବା ଅନୁଭବୀ ମୂରତ ହୁଅ ।

ଯଦିଓ ସବୁ କଥା ଖରାପ ହୋଇଥିବ କିନ୍ତୁ ସେଥିରେ ମଧ୍ୟ ଗୋଟିଏ-ଦୁଇଟି କଥା ଭଲ ନିଶ୍ଚିତ ଥିବ । ଶିକ୍ଷା ଦେବା ଭଳି ଭଲ କଥା ତ ସବୁ ପରିସ୍ଥିତି ଭିତରେ ଅନ୍ତର୍ନିହିତ ଅଟେ କାହିଁକି ନା ପ୍ରତ୍ୟେକ ପରିସ୍ଥିତି ଅନୁଭବୀ କରିବା ପାଇଁ ନିମିତ୍ତ ହୋଇଥାଏ । ଧୈର୍ଯ୍ୟର ପାଠ ମଧ୍ୟ ପଢାଇଦିଏ । ଅନ୍ୟ ଜଣେ ଯଦି ଉତ୍ତେଜିତ ହେଉଛି ତେବେ ସେହି ସମୟରେ ତୁମେ ଧୈର୍ଯ୍ୟର ବା ସହନଶୀଳତାର ପାଠ ପଢୁଛ, ସେଥିପାଇଁ କୁହାଯାଏ ଯାହା ହେଉଛି ତାହା ଭଲ ହେଉଛି ଏବଂ ଆଗକୁ ଯାହା ହେବାର ଅଛି ତାହା ଆହୁରି ଭଲ । ସବୁ ପରିସ୍ଥିତିରୁ ଭଲ କଥାକୁ ଗ୍ରହଣ କରିବା ପାଇଁ କେବଳ ବୁଦ୍ଧି ଆବଶ୍ୟକ । ଯଦି ଖରାପକୁ ନ ଦେଖି ଭଲକୁ ହିଁ ଗ୍ରହଣ କରିନେବ ତେବେ ଏକ ନମ୍ବର ହୋଇଯିବ ।

ସ୍ଲୋଗାନ**:-** ଯଦି ସର୍ବଦା ପ୍ରସନ୍ନଚିତ୍ତ ସ୍ଥିତିରେ ରହିବାକୁ ଚାହୁଁଛ ତେବେ ଶାନ୍ତିର ଶକ୍ତି ଦ୍ ାରା ଖରାପକୁ ଭଲରେ ପରିବର୍ତ୍ତନ କରିଦିଅ ।

*** ଓମ୍ ଶାନ୍ତି ***